# NATIONAL NEWS BULLETIN (ODIA)

**19 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ନୂତନ ମାନଦଣ୍ଡ ସ୍ଥାପନ କରିଛି - କହିଲେ ପ୍ରଧାନମନ୍ତ୍ରୀ ।

\- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଦେଶବାସୀଙ୍କୁ ଜଣାଇଲେ ଶୁଭେଚ୍ଛା ।

- ସୁଇଜରଲ୍ୟାଣ୍ଡଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ଯୋଗଦେବେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- ଅଖିଳ ଭାରତୀୟ ପ୍ରିଜାଇଡିଂ ଅଫିସରଙ୍କ ୮୫ତମ ଅଧିବେଶନ ପାଟନା ଠାରେ ଆସନ୍ତାକାଲିଠାରୁ ହେବ ଆରମ୍ଭ ।

ଏବଂ

- ଆଇସିସି ୧୯ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜକୁ ୯ ୱିକେଟ୍‌ରେ ପରାସ୍ତ କଲା ଭାରତ ।

---

# ମନ୍ କି ବାତ୍

ମହାକାଶ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତ ନୂତନ ମାନଦଣ୍ଡ ସ୍ଥାପନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏ କ୍ଷେତ୍ରରେ ରହିଥିବା ଭବିଷ୍ୟତର ଆହ୍ୱାନ ଗୁଡ଼ିକୁ ସମାଧାନ କରିବାରେ ଭାରତ ସହାୟତା ପ୍ରଦାନ କରିପାରିବ । ଆକାଶବାଣୀର ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଆଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟାରେ ଭାରତର ସଫଳତା ଉପରେ ଆଲୋକପାତ କରିବା ସହ ଘରୋଇ ମହାକାଶ କ୍ଷେତ୍ରରେ ବୃଦ୍ଧି ପାଉଥିବା ସମ୍ଭାବନାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁସ୍ଥିତ ଭାରତୀୟ ମହାକାଶ ଜ୍ଞାନକୌଶଳ ଷ୍ଟାର୍ଟଅପ୍ ପିସ୍କେଲ ଉପରେ ଆଲୋକପାତ କରିଥିଲେ । ଇସ୍ରୋର ସ୍ପାଡେକ୍ସ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏଥିରେ ସଂଶ୍ଳିଷ୍ଟ ବୈଜ୍ଞାନିକ, ଅଂଶୀଦାର, ଶିଳ୍ପୋଦ୍ୟୋଗୀଙ୍କୁ ପ୍ରଶଂସା କରିଛନ୍ତି । ସ୍ପାଡେକ୍ସ ସଫଳତା ଭବିଷ୍ୟତର ମହାକାଶ କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

**V/o -**

ଆସନ୍ତା ରବିବାର ଦିନ ପାଳିତ ହେବାକୁ ଥିବା ୭୫ବର୍ଷ ପୂର୍ତ୍ତି ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ବିଧାନ ପ୍ରସ୍ତୁତି ଏବଂ ପ୍ରଣୟନରେ  ଯୋଗଦାନ କରିଥିବା ବାବାସାହେବ ଆମ୍ବେଦକରଙ୍କ ସମେତ  ସମ୍ବିଧାନ ସଭା ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି ।

**V/o -**

ଆସନ୍ତା ୨୫ ତାରିଖରେ ପାଳିତ ହେବାକୁ ଥିବା ଜାତୀୟ ଭୋଟର ଦିବସର ଗୁରୁତ୍ୱ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏହି ଦିନ ଭାରତର ନିର୍ବାଚନ ଆୟୋଗ ଗଠିତ ହୋଇଥିଲା । ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନ କମିଶନଙ୍କ ଭୂମିକା ଏବଂ ଅବଦାନକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।  ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଏବଂ ଅବାଧ ନିରପେକ୍ଷ ହେବା ସହ ଗଣତନ୍ତ୍ର ସୁଦୃଢ଼ ଓ ସମୃଦ୍ଧ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି କହିଛନ୍ତି ସାମ୍ୟ ଓ ସଂପ୍ରୀତିର ଏହା ହେଉଛି ଏକ ଅସାଧାରଣ ସମ୍ମେଳନ । ଏହି ମେଳା ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରୁଛି । ସେ କହିଛନ୍ତି ଯୁବବର୍ଗ ସଭ୍ୟତା ଏବଂ ସଂସ୍କୃତି ସହ ଜଡିତ ହେଲେ ଏହା ଅଧିକ ମଜଭୁତ ହୋଇଥାଏ । ଚଳିତବର୍ଷର ମହାକୁମ୍ଭ ମେଳାରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପର୍ବର ପ୍ରଥମ ବାର୍ଷିକୀ ପାଳନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି । ଦେଶର ଐତିହ୍ୟକୁ ସଂରକ୍ଷିତ ରଖିବା ଏବଂ ବିକାଶ ପଥରେ କାର୍ଯ୍ୟ କରିବା ସମୟରେ ସେଥିରୁ ପ୍ରେରଣା ନେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ସଂସ୍କୃତି ଏବଂ ଐତିହ୍ୟ ଆମକୁ ପଶୁପକ୍ଷୀ ସହ ଅଧିକ ଜଡିତ କରିବାରେ ପ୍ରେରଣା ଯୋଗାଇଥାଏ । ଏହି

ଅବସରରେ ଶ୍ରୀ ମୋଦୀ ଆସାମର ନୌଗାଓର ଗ୍ରାମବାସୀଙ୍କର ଉଦାହରଣ ପ୍ରଦାନ କରିଛନ୍ତି । ସେହିଭଳି ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ ।

ଚଳିତବର୍ଷ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନର ୯ବର୍ଷ ପୂର୍ତ୍ତି ପାଳନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯୁବବର୍ଗଙ୍କ ଉତ୍ସାହ, ନିଷ୍ଠା ଫଳରେ ଦେଶରେ ଉଦ୍‌ଭାବନ, ସୃଜନଶୀଳତା ଏବଂ ସମୃଦ୍ଧିର ମାର୍ଗ ଉନ୍ମୁକ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାସଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରାଯିବା ନେଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ନେତାଜୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ । ତାଙ୍କ ଜୀବନୀକୁ ପଢ଼ିବା ଏବଂ ସେଠାରେ ପ୍ରେରଣା ଦେବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି ।

## ବୈଷ୍ଣୋ-ଡବ୍ଲ୍ୟୁଇଏଫ୍

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୁଇଜରଲ୍ୟାଣ୍ଡର ଡାଭୋସଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଅର୍ଥନୈତିକ ଫୋରମ ୨୦୨୫ରେ ଯୋଗଦେବେ । ଶ୍ରୀ ବୈଷ୍ଣବ

ଭାରତର ବିକାଶ ମଡେଲ ଉପରେ ଏହି ଫୋରମରେ ତଥ୍ୟ ଉପସ୍ଥାପନ କରିବେ । ସୁଇଜରଲ୍ୟାଣ୍ଡ ଅଭିମୁଖେ ଗସ୍ତ ପୂର୍ବରୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଏହି ଫୋରମରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କର ବିକାଶକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିସ୍ତୃତ ଆଲୋଚନା ହେବ । ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଅଭିବୃଦ୍ଧି ନେଇ ଏହି ୫ ଦିନିଆ କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଭାରତର ପରିବର୍ତ୍ତିତ ଯାତ୍ରା ଉପରେ ବିଶ୍ୱସ୍ତରୀୟ ଆଗ୍ରହ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ଅବସରରେ ଆଲୋଚନା କରିଛନ୍ତି । ଭାରତର ଅର୍ଥନୈତିକ ନୀତି, ଡିଜିଟାଲ ପରିବର୍ତ୍ତନ, ସଶକ୍ତିକରଣ, ପ୍ରଯୁକ୍ତି ବିଦ୍ୟା ଉପଯୋଗ ଆଦି କ୍ଷେତ୍ରଗୁଡ଼ିକ ଉପରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅମିତ ଶାହା-ଆନ୍ତଃ ମନ୍ତ୍ରଣାଳୟ ଟିମ୍

ଜାମ୍ମୁର ରାଜୌରି ଜିଲ୍ଲା ଅନ୍ତର୍ଗତ କେତେକ ଗାଁରେ ଲୋକଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ ଏକ ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଗଠିତ ହୋଇଛି । ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍ ଗଠନ

କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଗଠିତ ଏହି କେନ୍ଦ୍ରୀୟ ଦଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କୃଷି ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ, ଜଳସମ୍ପଦ ମନ୍ତ୍ରଣାଳୟ ବିଶେଷଜ୍ଞ ସଦସ୍ୟ ରହିଛନ୍ତି । ପ୍ରଭାବିତ ଅଞ୍ଚଳକୁ ଏହି ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଆଜି ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିବେ । ପଶୁପାଳନ, ଖାଦ୍ୟ ନିରାପତ୍ତା ଏବଂ ଫରେନ୍ସିକ୍ ସାଇନ୍ସ ଲ୍ୟାବ୍‌ର ବିଶେଷଜ୍ଞ ସେମାନଙ୍କୁ ସହଯୋଗ ପ୍ରଦାନ କରିବେ । ସ୍ଥାନୀୟ ପ୍ରଶାସନ ସହଯୋଗରେ ଏହି ଟିମ୍ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହଯୋଗ ପ୍ରଦାନ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବ । ସୂଚନାଯୋଗ୍ୟ ରାଜୌରୀ ଜିଲ୍ଲାର ବୁଧଲ ଗାଁରେ ଗତ ୪୫ ଦିନ ମଧ୍ୟରେ ୧୬ଜଣଙ୍କର ମୃତ୍ୟୁ ହୋଇଛି । ଜ୍ୱର, ଯନ୍ତ୍ରଣା, ବାନ୍ତି ଆଦି ରୋଗରେ ସେମାନଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ଆଧାରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ନାଇଜେରିଆ-ଟ୍ୟାଙ୍କର ଦୁର୍ଘଟଣା

ନାଇଜେରିଆର ଉତ୍ତରାଞ୍ଚଳ ଅନ୍ତର୍ଗତ ସୁଲେଜିଠାରେ ଏକ ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର ଓଲଟି ପଡ଼ିବାରୁ ୭୭ଜଣଙ୍କର ମୃତ୍ୟୁ ହୋଇଛି । ବହୁ ଲୋକ

ଆହତ ହୋଇଥିବା ଜଣାପଡିଛି । ଟ୍ୟାଙ୍କରଟି ଓଲଟି ପଡ଼ିବାରୁ ଲୋକମାନେ ଇନ୍ଧନ ସଂଗ୍ରହ କରୁଥିବା ବେଳେ ସେଠାରେ ବିସ୍ଫୋରଣ ଘଟିଥିଲା । ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ଏଆଇପିଓସି ଅଧିବେଶନ

ଅଖିଳ ଭାରତୀୟ ପ୍ରିଜାଇଡିଂ ଅଫିସର ସମ୍ମିଳନୀ ଏଆଇପିଓସିର ୮୫ତମ ଅଧିବେଶନ ଆସନ୍ତାକାଲିଠାରୁ ପାଟନାଠାରେ ଆରମ୍ଭ ହେବ । ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବେ । ବିହାର ବିଧାନସଭାର କେନ୍ଦ୍ରୀୟ ହଲ୍‌ରେ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ଦୀର୍ଘ ୪୩ବର୍ଷ ପରେ ବିହାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିହାର ବିଧାନସଭାର ବାଚସ୍ପତି ନନ୍ଦକିଶୋର ଯାଦବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସମ୍ବିଧାନ ଗ୍ରହଣର ୭୫ବର୍ଷ ବାର୍ଷିକୀ ପାଳନ ଅବସରରେ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ସଂସଦ ଏବଂ ରାଜ୍ୟ ବିଧାନସଭାର ଅବଦାନ ବିଷୟରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ । ବିଭିନ୍ନ ରାଜ୍ୟ, ଲୋକସଭା ଏବଂ ରାଜ୍ୟସଭାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଉଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା

ଉପାଧ୍ୟକ୍ଷ ହରିବଂଶ ସମେତ ରାଜ୍ୟ ବିଧାନସଭା ଗୁଡ଼ିକର ବାଚସ୍ପତି ପ୍ରମୁଖ ଯୋଗଦେବେ ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚରେ ସଂଧ୍ୟା ୬ଟାରେ ସୁରମା ହକି କ୍ଲବ ଏବଂ ସ୍ରାଚିରାହ ବେଙ୍ଗଲ ଟାଇଗର୍ସ ପରସ୍ପରକୁ ଭେଟିବେ । ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ଏବଂ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ସ୍ରାଚିରାହ ବେଙ୍ଗଲ ଟାଇଗର୍ସ ଏବଂ ଓଡ଼ିଶା ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ଅଣ୍ଡର ନାଇଣ୍ଟିନ କ୍ରିକେଟ

ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ' ୱେଷ୍ଟଇଣ୍ଡିଜକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ମ୍ୟାଲେସିଆର କ୍ୱାଲାଲାମପୁରଠାରେ ଆଜି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ଦଳ ଟସ୍ ଜିତି ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ । ୱେଷ୍ଟଇଣ୍ଡିଜ ୧୩ ଓଭର ୨ଟି ବଲ୍‌ରେ ସମସ୍ତ

ୱିକେଟ୍ ହରାଇ ୪୪ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଭାରତ ୪ ଓଭର ୨ଟି ବଲ୍‌ରେ ୧ ୱିକେଟ୍ ବିନିମୟରେ ସଂଗ୍ରହ କରିଥିଲା ।

ଆୟୋଜକ ମ୍ୟାଲେସିଆକୁ ମିଶାଇ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଭାରତକୁ ମିଶାଇ ଗ୍ରୁପ୍-ଏ ରେ ମ୍ୟାଲେସିଆ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଦଳ ସ୍ଥାନିତ ହୋଇଛନ୍ତି । ଗତକାଲିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ସ୍କଟଲ୍ୟାଣ୍ଡକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ଆସନ୍ତା ମାସ ୨ ତାରିଖରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଖେଳାଯିବ ।